## ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଆକ୍ରମଣ

ବାସୁଦେବପୁର, (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ଥାନା ପଛପାଖରେ ଭଡ଼ାରେ ରହୁଥିବା ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ପ୍ରଦୀପ କୁମାର ଧଳଙ୍କୁ ମଙ୍ଗଳବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। କେହି ଦୁର୍ବୃତ୍ତ ଆକ୍ରମଣ କରିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରଦୀପଙ୍କ ଘର ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ପଣ୍ଡରୁଣି ଗ୍ରାମରେ। ଏହି ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ସଂକ୍ଷେପରେ

### ଗୋରୁ ବୋଝେଇ ପିକ୍‌ଅପ୍ ଜବତ



ସାରସକଣା, ୨୭।୪ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ବୁଧବାର ଦିନଦ୍ୱିପ୍ରହରରେ ପଶ୍ଚିମବଙ୍ଗକୁ ଗୋଚାଲାଣ ବେଳେ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ବେଳେ ବମ୍ଫେଛକ ଓଭରବ୍ରିଜ୍ ପାରି ହେବା ସମୟରେ ୬ଟି ଗୋରୁ ବୋଝେଇ ହୋଇଥିବା ଉକ୍ତ ପିକ୍‌ଅପ୍ ଭ୍ୟାନକୁ ଏଏସ୍‌ଆଇ ସ୍ମୃତି ରଞ୍ଜନ ସ୍ୱାଇଁ ଏବଂ ଗୃହରକ୍ଷୀମାନେ ଜବତ କରି ଥାନାକୁ ନେଇଥିଲେ। ଡ୍ରାଇଭର ଏବଂ ହେଲ୍‌ପରଙ୍କୁ ଥାନାରେ ଅଟକ ରଖାଯାଇଛି। ଉଦ୍ଧାର ଗୋରୁଙ୍କୁ ବାଲେଶ୍ୱରସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଥିବା ଡିଏସ୍‌ପି ଉପାସନା ପାଢ଼ୀ କହିଛନ୍ତି। ପ୍ରକାଶଥାଉକି, ଦୁଇଦିନ ତଳେ ମଧ ୧୦ ଗୋରୁଙ୍କୁ ବୋଝେଇ କରି ଏକ ପିକ୍‌ଅପ୍ ଗାଡ଼ି ପଶ୍ଚିମବଙ୍ଗ ଯାଉଥିବା ବେଳେ ଡିଏସ୍‌ପି ଜବତ କରିଥିଲେ।

### କାଛରେ ପିଟିହେଲା କାର୍: ଜଣେ ମୃତ

ଚମ୍ପୁଆ/ଯୋଡା ୨୭।୪(ଡି.ଏନ୍.ଏ)- ରିମୁଲିଠାରୁ ଯୋଡା ମଧରେ ମନଇଚ୍ଛା ଟ୍ରକ ପାର୍କିଂ ପାଇଁ ଦୁର୍ଘଟଣା ଘଟୁଛି। ବୁଧବାର ନାରଦପୁରଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ରାଜପଥ କଡରେ ଥିବା କାଛରେ ବାଡେଇ ହୋଇଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମାଧବ ଚନ୍ଦ୍ର ସାହୁ। କାର୍‌ରେ ଥିବା ଅନ୍ୟମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବାରମ୍ବାର ଏହିଭଳି ଦୁର୍ଘଟଣା ପାଇଁ ସ୍ଥାନୀୟ ଲୋକେ ବେପାରୁଆ ପାର୍କିଂକୁ ଦାୟୀ କରୁଥିବା ବେଳେ ପ୍ରଶାସନ ଏଥିପ୍ରତି ନଜର ଦେବାକୁ ସାଧାରଣରେ ଦାବି ହେଉଛି।

### ହେମନ୍ତ, ସୁବ୍ରତ ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି

ଭଦ୍ରକ ଅଫିସ, ୨୭।୪-ଯୁବନେତା ହେମନ୍ତ ମହାପାତ୍ର ଓ ସୁବ୍ରତ ବେହୁରା ଭଦ୍ରକ ଜିଲାର ନୂତନ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ସୁପାରିଶ କ୍ରମେ ଜାତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି.ଭି. ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିପାଇଁ ସେମାନେ ଦଳର ରାଜ୍ୟ ଉପସଭାପତି ରାଜୀବ ପଟ୍ଟନାୟକ, ଜିଲା ସଭାପତି ସୁବ୍ରତ ଦାସ, ବରିଷ୍ଠ ନେତା ଅଶୋକ ଦାସ, ନଳିନୀକାନ୍ତ ମହାନ୍ତି, ଅଭିଷେକ ରାଉତ, ସତ୍ୟ ପୁହାଣ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଯୁବକର୍ମୀଙ୍କୁ ଏକ କରି ଦୁଇ ଯୁବନେତା ଜିଲାର ଉନ୍ନତି ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି ଦଳୀୟ ନେତୃବୃନ୍ଦ ଆଶାବ୍ୟକ୍ତ କରିଛନ୍ତି।

### ବଧୂହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

ବାସୁଦେବପୁର, ୨୭।୪ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ପ୍ରବୋଧପୁର ଗ୍ରାମର ରଶ୍ମିତା ମଳିକ ନାମ୍ନୀ ମହିଳାଙ୍କର ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ମୃତ ରଶ୍ମିତାଙ୍କ ସମ୍ପର୍କୀୟ ଭାଇ ଶମ୍ଭୁନାଥ ମଳିକ ତାଙ୍କ ଭଉଣୀଙ୍କୁ ମାରି ଦିଆଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ବାସୁଦେବପୁର ଥାନା ପୋଲିସ ଏକ ଯୌତୁକ ଜନିତ ବଧୂହତ୍ୟା ମାମଲା (ନଂ. ୧୭୨/୨୨) ରୁଜୁ କରି ରଶ୍ମିତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ମଳିକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ମଙ୍ଗଳବାର ଘର ଭିତରୁ ରଶ୍ମିତାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ରଶ୍ମିତା ଓ ସୂର୍ଯ୍ୟକାନ୍ତ ପ୍ରେମ ବିବାହ କରିଥିଲେ। ପରେ ଅଧିକ ଯୌତୁକ ପାଇଁ ସୂର୍ଯ୍ୟକାନ୍ତଙ୍କ ସମେତ ଶାଶୁଘର ଲୋକେ ରଶ୍ମିତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଶମ୍ଭୁନାଥ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

### ୨ ଚୋରା ମଦ ବେପାରୀ ଗିରଫ

ପାଟଣା,୨୭।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଅବକାରୀ ଓ ଘଟଗାଁ ଅବକାରୀ ପୋଲିସ ପକ୍ଷରୁ ବୁଧବାର ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ବେଆଇନ ମଦ ବ୍ୟବସାୟ ସମ୍ପୃକ୍ତିରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଟଣା ଥାନା ଡିଆନାଳି ଗ୍ରାମର କାଣ୍ଡେ ମୁଣ୍ଡା ଓ ତୁରୁମୁଙ୍ଗା ଥାନା ବିନିଦା ଗ୍ରାମର ରିନା ମୁଣ୍ଡା।

# ପୋଖରୀ ଖୋଳା ଆଳରେ ରାଜସ୍ୱ ଲୁଟ୍

ଖଇରା,୨୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନରେ ଗତ କିଛି ମାସ ଧରି ନୂଆ ଢଙ୍ଗରେ ରାଜସ୍ୱ ଲୁଟ ଚାଲିଛି। କିଛି ଖଣି ବ୍ୟବହାରକାରୀ ଗ୍ରାମବାସୀଙ୍କୁ ହାତବାରିସି କରି ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପୋଖରୀ ଖୋଳିବାକୁ ପ୍ରଶାସନ ନିକଟରୁ ଅନୁମତି ନେଉଛନ୍ତି। ଗୋଟିଏ ପଟେ ମୋ ପୋଖରୀ, କ୍ଷେତ ପୋଖରୀ ଯୋଜନାରେ ଶ୍ରମିକ କାମ କରୁଥିବା ଦର୍ଶାଇ ବିଲ୍ ଉଠାଉଥିବା ବେଳେ ଏହି ପୋଖରୀଗୁଡ଼ିକରୁ ହଜାର ହଜାର ଟ୍ରିପ୍ ମୋରମ ଉଠାଇ ଜିଲା ତଥା ଜିଲା ବାହାରର ବିଭିନ୍ନ ସ୍ଥାନକୁ ଚାଲାଣ କରି କୋଟି କୋଟି ଟଙ୍କା ରାଜସ୍ୱ ଲୁଟ କରୁଛନ୍ତି। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ନ ଦେଲେ କୁପାରୀ ଅଞ୍ଚଳ ଖୁବ୍‌ଶୀଘ୍ର ଶ୍ମଶାନ ପାଲଟିବ ଏଥିରେ ସନ୍ଦେହ ନାହିଁ।

ପ୍ରକାଶ ଯେ, ସରକାରୀ ଜମି ତଥା ଚାଷ ଜମିଗୁଡ଼ିକରେ ମୋରମ ଗଚ୍ଛିତ ଥିବା ଆଭାସ ମିଳିବା ପରେ ଏଥିପାଇଁ ଭିନ୍ନ କୌଶଳ ଅବଲମ୍ବନ କରାଯାଉଛି। ଏଥିପାଇଁ ପ୍ରଥମେ ମାଛଚାଷ ଏବଂ ଆତ୍ମନିର୍ଭରଶୀଳ ହେବା ମିଛ ବାହାନା କରି ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମୋରମ ଲୁଟେରାଙ୍କ ଦ୍ୱାରା କାର୍ଯ୍ୟାଦେଶ ନିଆଯାଉଛି। ଏହି ଆଳରେ ଜେସିବି ଲଗାଇ ମୋରମ ଖୋଳି ବିକ୍ରି କରି ମାଲାମାଲ ହେଉଛନ୍ତି। ବର୍ତ୍ତମାନ ଏହି ଭଳି ସୁପରିକଳ୍ପିତ ଚୋରି କୁପାରୀ ଜୋନର କଇଥଗଡ଼ିଆ,ରଚିଣା, ଗଡପୋଖରୀ, ବର୍ତ୍ତନା, ସଇଁ, ବାଉଁଶଗଡିଆ ଆଦି ପଞ୍ଚାୟତରେ ଚାଲିଥିବା ବେଳେ କିଛି ମୋରମ ବିକିସାରି ଏବଂ ପୋଖରୀ ବିଲ୍ ଉଠାଇସାରି ମାଟି ପକାଇ ପୁନର୍ବାର ପୋତି ଚାଷ ଜମିର ପୂର୍ବାବସ୍ଥା ଫେରାଇ ଆଣିବାକୁ ଯୋଜନା କରାଯାଉଛି। ଏଭଳି ସଚିନ୍ତିତ ଲୁଟ୍ ଯୋଜନା ରାଜସ୍ୱ ବିଭାଗ, ପୋଲିସ ଓ ବ୍ଲକ ପ୍ରଶାସନ ଜ୍ଞାତସାରରେ ଚାଲିଥିଲେ କାଁଭାଁ କିଛି ଟ୍ରାକ୍ଟର ଜବତ କରି ନିଜ ପାରିବା ପଣିଆ ଦେଖାଇ ପ୍ରଶାସନ ଖସିଯିବାକୁ ଉଦ୍ୟମ କରୁଛନ୍ତି। ସାଧାରଣ ଲୋକଟିଏ ଘର ତିଆରି ପାଇଁ ବାଲି ଗାଡ଼ିଟିଏ ନେବା ବେଳେ ରାଜସ୍ୱ ଅଧିକାରୀ ମୋଟାଅଙ୍କର ଜରିମାନା ଧାର୍ଯ୍ୟ କରୁଛନ୍ତି। ମାତ୍ର ରାତି ଅଧିଆ କୁପାରୀ- ରାଣିତାଲ ରାସ୍ତା, ସାନ ନୁଆଗାଁ-ଗଡପୋଖରୀ ରାସ୍ତାରେ ଶହ ଶହ ଟ୍ରିପ୍ ମୋରମ ଚାଲାଣ କରାଯାଉଥିଲେ ହେଁ ପ୍ରଶାସନର ନଜର



କୁପାରୀ ଜୋନ୍‌ରେ ଏକ ମୋରମ ଉଠାଯାଇଥିବା ଚାଷଜମି।

ପଡ଼ିବା ରାଜ୍ୟ ସରକାରଙ୍କ ଶାସନର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କୁପାରୀ ଜୋନରେ ଏହିଭଳି ଭାବେ ୧୫ରୁ ଊର୍ଦ୍ଧ୍ୱ ପୋଖରୀର ଖୋଳା ଶେଷ ହୋଇ ସରିଥିବା ବେଳେ ଗଡପୋଖରୀ ଶଙ୍କଣା ନିକଟରେ ଏହିଭଳି ଭାବେ ମୋରମ ଚୋରା ଚାଲାଣ କରାଯିବା ସଦ୍ୟତମ ଉଦାହରଣ। ସେହିଭଳି କଇଥଗଡ଼ିଆ ଗ୍ରାମରେ ସରକାରୀ ଜମିରୁ ୫ଶହରୁ ଊର୍ଦ୍ଧ୍ୱ ଟ୍ରିପ୍ ମୋରମ ଖୋଳାଯାଇ କେନାଲ କାର୍ଯ୍ୟରେ ବ୍ୟବହୃତ ହୋଇଥିଲେ ହେଁ ସରକାରୀ ଭାବେ ହାତଗଣିତି ଜରିମାନା ଏକ ବଡ଼ଧରଣର ଦୁର୍ନୀତିକୁ ପ୍ରମାଣିତ କରିଛି । ଏହିଭଳି ଆହୁରି ୧୦୦ରୁ ଊର୍ଦ୍ଧ୍ୱ ପୋଖରୀ ଖୋଳାଯିବାକୁ ମୋରମ ଲୁଟେରା ଏବଂ ପ୍ରଶାସନର ମିଳିତ ଉଦ୍ୟମରେ ନକ୍ସା ପ୍ରସ୍ତୁତ ହୋଇ ସାରିଛି। ଏ ସମ୍ପର୍କରେ ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ ପୋଖରୀ ଖୋଳାଯିବା ପରେ ବାହରୁଥିବା ମାଟି ମୋରମକୁ ପୋଖରୀ ହୁଡ଼ା ଏବଂ ପୋଖରୀ ସଂଲଗ୍ନ ରାସ୍ତା ତିଆରି ପାଇଁ ନିୟମ ରହିଛି। ଯେଉଁମାନେ ଏହାକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି ।

# ସିଗାରେଟ୍ ନ ଦେବାରୁ ଗୁଳିକାଣ୍ଡ, ଦୋକାନୀ ଗୁରୁତର

କେନ୍ଦୁଝର, ୨୭।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଖଡ଼ିବାହାଳୀ ଗ୍ରାମ ଛକରେ ସିଗାରେଟ ଦେବାରେ ବିଳମ୍ବ ହେବାରୁ ଦୋକାନୀଙ୍କୁ ଗୁଳିମାଡ଼ ଘଟଣା ଘଟିଛି। ଜଣେ ଗ୍ରାହକ ସାମାନ୍ୟ ସିଗାରେଟ ଟାଣିବା ପାଇଁ ବଚସା ପରେ ଦୋକାନୀଙ୍କୁ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଦୋକାନୀ ଜଣଙ୍କ ଗୁରୁତର ଆହତ ହୋଇଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଖଡ଼ିବାହାଳୀ ଛକରେ ଜଗବନ୍ଧୁ ମହାପାତ୍ର(୬୦)ଙ୍କ ଗ୍ରସେରୀ ଦୋକାନରୁ ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ଆସି ତାଙ୍କୁ ସିଗାରେଟ ମାଗିଥିଲେ। ସିଗାରେଟ୍ ଦେବାରେ ବିଳମ୍ବ ହେବାରୁ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଦୁର୍ବୃତ୍ତ ଜଣଙ୍କ ଉତ୍ତେଜିତ ହୋଇ ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ପହଞ୍ଚି ଗୁରୁତର ଆହତ ଦୋକାନୀଙ୍କୁ ପଥମେ ହରିଚନ୍ଦନପୁର ପରେ କେନ୍ଦୁଝରରୁ କଟକ ବଡ଼ ମେଡ଼ିକାଲକୁ ପଠାଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ପରେ ସ୍ଥାନୀୟ ହରିଚନ୍ଦନପୁର ପୋଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରଖିଛି।

# କ୍ଷେତ୍ର ପରିଦର୍ଶନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି

ବାରିପଦା ଅଫିସ,୨୭।୪

ଜଳବାୟୁ ସହନଶୀଳ କୃଷି ନିମନ୍ତେ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପର ଅନୁଧ୍ୟାନ କରିବାକୁ ବିଶ୍ୱବ୍ୟାଙ୍କର ଦୁଇ ପ୍ରତିନିଧି ମଙ୍ଗଳବାରଠାରୁ ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ବାଙ୍ଗିରିପୋଷି ଓ ଶାମାଖୁଣ୍ଟା ବ୍ଲକରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ରିପୋର୍ଟ ସଂଗ୍ରହ କରିଥିଲେ। ଏଥିରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ସେଡ୍ରିକ୍ ବୋଇସ ରବୋର୍ଟ ଏବଂ ଓପିକ୍ରା ପ୍ରକଳ୍ପର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ମାଝି ଇଟାବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଶରତଚନ୍ଦ୍ରପୁର ଗ୍ରାମ ସୋନ୍ଧାଳ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ଉନ୍ନତ ଓ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟ ଚାଷ ଦେଖିବା ସହ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ସହଯୋଗୀ ସଂସ୍ଥା ଆଇଆର୍‌ଡିଏମ୍‌ଏସ୍‌ର ଓପିକ୍ରାରେ କାର୍ଯ୍ୟରତ କର୍ମକର୍ତ୍ତା ଟିମ୍ ଲିଡର ସୁରତ କୁମାର ପଟ୍ଟନାୟକ, ମତ୍ସ୍ୟ ବିଶେଷଜ୍ଞ ପ୍ରଦୀପ ମହାପାତ୍ର, କୃଷି ବିଶେଷଜ୍ଞ ହିମାଦ୍ରି ନାଥ ସାହୁ, ସାମାଜିକ ବିଶେଷଜ୍ଞ ତପନ କୁମାର ମହାନ୍ତ, ସହକାରୀ ମତ୍ସ୍ୟ ଅଧିକାରୀ ନିହାର ରଞ୍ଜନ ବେହେରା, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ପର୍ଯ୍ୟାୟକ୍ରମେ ରଙ୍ଗାମାଟିଆସ୍ଥିତ ଉନ୍ନତ ମତ୍ସ୍ୟଯାଁଳା କେନ୍ଦ୍ର ପରିଦର୍ଶନ କରିଥିଲେ। ବୁଧବାର ଦ୍ୱିତୀୟ ଦିନରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ବାଙ୍ଗିରିପୋଷି ବ୍ଲକର ମାନଗଡ଼ମୁଣ୍ଡାକଟାରେ ମିଶ୍ରିତ ମତ୍ସ୍ୟଚାଷୀ ସୁଜାତା ମହାନ୍ତ ଓ ସମ୍ପୃକ୍ତ ହିତାଧିକାରୀମାନଙ୍କ ସହ ଆଲୋଚନା କରି ମତ୍ସ୍ୟ ଚାଷ ସମ୍ପର୍କରେ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

# ସମିତିସଭ୍ୟାଙ୍କୁ ପଲ୍ଲିସଭାରୁ ଉଠାଇଦେବା ଅଭିଯୋଗ



ଖବରଦାତା ସମ୍ମିଳନୀରେ ସମିତିସଭ୍ୟ କଟି ମାରାଣ୍ଡି ଓ ଅନ୍ୟମାନେ।

ବାଲିଆପାଳ,୨୭।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବଣିଆଡ଼ିହା ପଞ୍ଚାୟତର ସମିତି ସଭ୍ୟ କଟି ମାରାଣ୍ଡିଙ୍କୁ ସ୍ଥାନୀୟ ସରପଞ୍ଚ ପଲ୍ଲୀସଭାରୁ ଉଠାଇ ଦେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଲଙ୍ଗଳେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସେ ସରପଞ୍ଚଙ୍କ ବିରୋଧରେ ବିଷୋଦଗାର କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୨୪ ତାରିଖରେ କେନ୍ଦ୍ର ପଞ୍ଚାୟତିରାଜ ଦିବସ ଉପଲକ୍ଷେ ସମସ୍ତ ପଞ୍ଚାୟତରେ ଗ୍ରାମସଭା ଆୟୋଜନ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହିପରିପେକ୍ଷୀରେ ବଣିଆଡିହା ପଞ୍ଚାୟତର ଜିଆର୍‌ଏସ୍‌ଙ୍କ ଦ୍ୱାରା ସମସ୍ତ ୱାର୍ଡସଭ୍ୟ, ସମିତି ସଭ୍ୟ ଏବଂ ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ସରପଞ୍ଚ କାଳୀଚରଣ ଜେନା ସଭାସ୍ଥଳରେ ସମିତି ସଦସ୍ୟ କଟି ମାରାଣ୍ଡିଙ୍କୁ ଦେଖି ତାଙ୍କୁ କିଏ ସଭାକୁ ଡାକିଲା, ମୋର ବିନା ପରାମର୍ଶରେ ସେ ଏଠାକୁ କେମିତି ଆସିଲେ, ସେ ଗଲେ ମିଟିଂ ଆରମ୍ଭ ହେବ ଇତ୍ୟାଦି ବିଭିନ୍ନ ପ୍ରଶ୍ନ କରି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିରେ ଅସହାୟ ମନେ କରି ସମିତି ସଦସ୍ୟ ମାରାଣ୍ଡି ତାଙ୍କ ସମର୍ଥିତ ୭ ୱାର୍ଡସଭ୍ୟଙ୍କ ସହିତ ସଭାସ୍ଥଳ ପଳାଇଥିଲେ। ପରେ ସେ ଘଟଣା ସମ୍ପର୍କରେ ବାଲିଆପାଳ ବିଡିଓଙ୍କୁ ଅବଗତ କରାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ମାରାଣ୍ଡି ଖବରଦାତା ସମ୍ମିଳନୀ ପ୍ରକାଶ କରିଛନ୍ତି। ପ୍ରଶାସନ ଯଦି ଉକ୍ତ ଘଟଣାର ତଦନ୍ତକରି ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରେ ତେବେ ଆଗାମୀ ଦିନରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବାଲିଆପାଳ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ବଣିଆଡିହା ସରପଞ୍ଚ ଜେନା ଘଟଣାକୁ ଅସ୍ୱୀକାର କରିଛନ୍ତି। ଜିଆର୍‌ଏସ୍ ଏବଂ ସମିତି ସଭ୍ୟ ସଭା ଗୃହରେ କଥାବାର୍ତ୍ତା ହେଉଥିବାରୁ ମିଟିଂ ଆରମ୍ଭ ହୋଇ ପାରି ନ ଥିଲା। ୱାର୍ଡ ସଭ୍ୟମାନେ ସଭା କାର୍ଯ୍ୟ ଆରମ୍ଭ କରିବାକୁ କହିବାରୁ ସେମାନଙ୍କର କଥାବାର୍ତ୍ତା ସରିଲେ ସଭା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିବା କଥା ସରପଞ୍ଚ କହିଛନ୍ତି।

# ଦୁଇଗୋଷ୍ଠୀ ମୁହାଁମୁହିଁ ଘଟଣା: ଥାନାରେ ୨ ମାମଲା

ବାସୁଦେବପୁର, ୨୭।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତର କେତେକ ପ୍ରକଳ୍ପ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟକାରିତାକୁ ନେଇ ମଙ୍ଗଳବାର ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନର ସରପଞ୍ଚଙ୍କ ସମର୍ଥକମାନେ ମୁହାଁମୁହିଁ ହୋଇଥିଲେ। ବ୍ଲକ ଅଫିସ ଆଗରେ ଏହି ଦୁଇଗୋଷ୍ଠୀ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ସରପଞ୍ଚ ଅରୁଣ କୁମାର ମହାନ୍ତିଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ୫ ଜଣଙ୍କ ନାଁରେ ଏକ ମାମଲା (ନଂ.୧୭୫/୨୨) ରୁଜୁ ହୋଇଛି। ଅପରପକ୍ଷେ ସରପଞ୍ଚ ନିରୁପମା ନାୟକଙ୍କ ଅଭିଯୋଗକ୍ରମେ ଏକାଧିକ ବ୍ୟକ୍ତିଙ୍କ ନାଁରେ ଅନ୍ୟ ଏକ ମାମଲା(ନଂ ୧୭୪/୨୨) ରୁଜୁ ହୋଇଛି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ୨ଟି ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ଅମିତ କୁମାର ଭୂୟାଁ କହିଛନ୍ତି।

# ଇଦ୍ ପାଳନ ନେଇ ପ୍ରଶାସନର ପ୍ରସ୍ତୁତି




ବୈଠକରେ ଜିଲାପାଳ ତ୍ରିଲୋଚନ ମାଝିଙ୍କ ସହ ଅନ୍ୟ ଅଧିକାରୀ।

ଭଦ୍ରକ ଅଫିସ, ୨୭।୪

ଇଦ୍-ଉଲ୍-ଫିତର ପାଳନ ଉପଲକ୍ଷେ ମଙ୍ଗଳବାର ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଚରଣ ସିଂ ମୀନା, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଭଦ୍ରକରେ ହିନ୍ଦୁ ମୁସଲିମ୍ ଭାଇଚାରାର ଯେଉଁ ସୁନାମ ରହିଛି ତାହା ସବୁ ପର୍ବ ପାଳନରେ ଅକ୍ଷୁଣ୍ଣ ରହୁ ବୋଲି ଏସ୍‌ପି କହିଥିଲେ। ଜହ୍ନର ଦୃଶ୍ୟମାନ ଅନୁଯାୟୀ ଇଦ୍ ପର୍ବ ଆସନ୍ତା ୩ କିମ୍ବା ୪ ତାରିଖରେ ପାଳନ କରାଯିବ। ପୂର୍ବରୁ ତାହା ପ୍ରଶାସନକୁ ଜଣାଇ ଦିଆଯିବ ବୋଲି ମୁସ୍‌ଲିମ ଜମାତ୍‌ର ସଭାପତି ମହମ୍ମଦ ଅବ୍‌ଦୁଲ ବାରି ସୂଚନା ଦେଇଥିଲେ।

ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ଜମାତ୍‌ର ଅନ୍ୟତମ କର୍ମକର୍ତ୍ତା ସେକ୍ ଇନ୍‌ମ୍ ମହମ୍ମଦ, ଅବ୍‌ଦୁଲ ମୋକିତ୍ ଖାଁ, ମହମ୍ମଦ ଜକ୍କାଓଲା, ସେକ୍ ସିରାଜୁଦ୍ଦିନ୍, ସେକ୍ ଅନୁଆର ହୋସେନ୍, କୟାମତ୍ ଶାହା ପ୍ରମୁଖ ଏହି ପର୍ବ ପାଳନ ନେଇ ବିଭିନ୍ନ ମତାମତ ରଖିଥିଲେ। ଇଦ୍ ଉପଲକ୍ଷେ ବନ୍ଧୁମିଳନ ହେବାକୁ ଥିବା କୁଆଁସର ଇଦ୍‌ଗା ପଡ଼ିଆକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପାନୀୟ ଜଳ ବ୍ୟବସ୍ଥା ଓ ରାସ୍ତାରେ ଲାଇଟ୍ ଲଗାଯିବା ପାଇଁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ମନୋଜ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ବିଲ ସିଏଚ୍‌ସିରେ ହେଲା ଡାଏଲିସିସ୍ ସେଣ୍ଟର

ବଡବିଲ, ୨୭।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ସିଏଚସି (ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର) ପରିସରରେ ବୁଧବାର ୫ ଶଯ୍ୟା ବିଶିଷ୍ଟ ଡାଏଲିସିସ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଜିଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ନିର୍ମିତ ଏହି ଡାଏଲିସିସ ସେଣ୍ଟରର ଉଦ୍‌ଘାଟନୀ ଉତ୍ସବରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲାପାଳ ଆଶିଷ ଠାକରେ, ବଡବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟ, ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଏବଂ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ଜିଲାପାଳ ଠାକରେ କହିଛନ୍ତି, ବଡ଼ବିଲରେ ଦୀର୍ଘ ଦିନରୁ ରହିଥିବା ଦାବି ପୂରଣ ହୋଇପାରିଛି। କେନ୍ଦୁଝର ଜିଲା ମୁଖ୍ୟାଳୟରେ ଏକ ଡାଏଲିସିସ ସେଣ୍ଟର ରହିଥିବାବେଳେ ଖଣି ଅଞ୍ଚଳରୁ ଲୋକେ ସେଠାକୁ ଯିବାକୁ ଅସମର୍ଥ ହେଉଥିଲେ। ତେବେ ଉକ୍ତ ସେଣ୍ଟର ଦ୍ୱାରା ଯୋଡା, ବଡ଼ବିଲ ଖଣି ଅଞ୍ଚଳର ପ୍ରଭାବିତ ଲୋକେ ନିଃଶୁଳ୍କ ଏହି ସେବାର ଲାଭ ଉଠାଇପାରିବେ। ଆଗାମୀ ଦିନରେ ୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣର ଯୋଜନା ରହିଥିବା ଜିଲାପାଳ କହିଛନ୍ତି। ବଡ଼ବିଲରେ ଡାଏଲିସିସ ସେଣ୍ଟର ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା ଓ ସେ ଏହାକୁ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି ବୋଲି କହି ବିଧାୟିକା ମିନାକ୍ଷୀ ମହାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କେବଳ ବଡ଼ବିଲ, ଯୋଡା ନୁହେଁ ଏହାର ଆଖପାଖ ଅଞ୍ଚଳ ଏପରିକି ପଡୋଶୀ ଝାଡଖଣ୍ଡ ରାଜ୍ୟବାସୀମାନେ ମଧ ଉପକୃତ ହେବେ।



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଜିଲାପାଳ ଆଶିଷ ଠାକରେ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଓ ଅନ୍ୟମାନେ।

# ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ନେଇ ପୁଣି ଉତ୍ତେଜନା

ବାଲିଆପାଳ,୨୭।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣ୍ଣ ରେଖା ବନ୍ଦର ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ବନ୍ଦର ସର୍ଭେ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସପକ୍ଷବାଦୀ ସ୍ଥାନୀୟ ଟାଟା କମ୍ପାନୀର କର୍ମଚାରୀ ଓ ବନ୍ଦର ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ସର୍ଭେ କାର୍ଯ୍ୟ ପାଇଁ ଆସିଥିବା ଉପକରଣ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଚଉମୁଖ ମହାଦେବ ମନ୍ଦିର ପାଖରେ ଗାଡ଼ିରୁ ବାହାର କରାଯାଉଥିବା ସମୟରେ ଟାଟା କମ୍ପାନୀର କର୍ମଚାରୀ ଓ ସ୍ଥାନୀୟ ବନ୍ଦର ବିରୋଧୀ ବାସିନ୍ଦା ମୁହାଁମୁହିଁ ହୋଇଥିଲେ। ଟାଟା କମ୍ପାନୀର ୪ଜଣ କର୍ମଚାରୀଙ୍କୁ ବନ୍ଦର ବିରୋଧୀ

**ଥାନାରେ ମାମଲା ରୁଜୁ**

ସ୍ଥାନୀୟ କିଛି ମୁଷ୍ଟିମେୟ ଲୋକ ମାଡ଼ ମାରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିବା ନେଇ ଟାଟା କର୍ମଚାରୀ ରାମଚନ୍ଦ୍ର ଗିରି ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ଧରି ଭିଟାମାଟି ସୁରକ୍ଷା କମିଟି ବନ୍ଦରକୁ ବିରୋଧ କରି ଆସୁଥିବା ବେଳେ ମଙ୍ଗଳବାର ହଠାତ୍ ବନ୍ଦର ସର୍ଭେ ଗାଡ଼ି ଚଉମୁଖରେ ପହଞ୍ଚିବାରୁ ସ୍ଥାନୀୟ ଲୋକେ ଉତ୍‌କ୍ଷିପ୍ତ ହୋଇ ବିରୋଧ ପ୍ରଦର୍ଶନ କରିଥିଲେ। ବୁଧବାର ଏ ନେଇ ବାଲିଆପାଳ ଥାନାରେ ଏକ ମାମଲା(ନଂ. ୧୦୧/୨୨) ରୁଜୁ ହୋଇଛି।

# ଝାଡ଼ଖଣ୍ଡୀ ହାତୀପଲ ନୀଳଗିରି ମୁହାଁ

ବାରିପଦା ଅଫିସ, ୨୭।୪

ପଶ୍ଚିମବଙ୍ଗ ସୀମାନ୍ତ ଦେଇ ଝାଡଖଣ୍ଡରୁ ଏକ ବିଶାଳ ହାତୀପଲ ମଙ୍ଗଳାବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜରେ ପଶିଛନ୍ତି। ଏହି ପଲରେ ୭୦ରୁ ଊର୍ଦ୍ଧ୍ୱ ହାତୀ ଥିବାବେଳେ ବୁଧବାର ତମାମ ବଡ଼ାମପୁର ସଂରକ୍ଷିତ ଜଙ୍ଗଲରେ ଅଟକି ରହିଛନ୍ତି। ରାତିରେ ଏହି ହାତୀପଲ ବାଲେଶ୍ୱର ଜିଲା କୁଲଡିହା ଅଭୟାରଣ୍ୟର ନୀଳଗିରି ମୁଖେ ଅଗ୍ରସର ହେବାକୁ ଥିବା ନେଇ ବନବିଭାଗ ପୂର୍ବାନୁମାନ କରିଛି।

ସୂଚନା ମୁତାବକ, ଝାଡଖଣ୍ଡରୁ ଆସିଥିବା ହାତୀପଲ ପଶ୍ଚିମବଙ୍ଗ ହୋଇ ରାସଗୋବିନ୍ଦପୁର ରେଞ୍ଜ୍‌ର ଜମ୍ବୀରା ନଦୀ ପାର ହୋଇ ପ୍ରବେଶ କରିଛନ୍ତି। ପରେ ବେତନଟୀ ରେଞ୍ଜ ଅଧୀନ ବଡ଼ାମପୁର



ସଂରକ୍ଷିତ ଜଙ୍ଗଲରେ ଅଟକି ରହିଛନ୍ତି। ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏହି ହାତୀପଲଙ୍କ ମଧ୍ୟରେ ଅନେକ ଦନ୍ତାହାତୀ ରହିଛନ୍ତି। ଧାନକ୍ଷେତ ଖାଲି ପଡିଥିବାରୁ ହାତୀପଲ ଜନବସତି ମୁହାଁ ହେବାକୁ ଥିବା ବେଳେ ବନବିଭାଗ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଛି । ହାତୀଙ୍କ ଗତିବିଧିକୁ ନଜରରେ ରଖି ଲୋକମାନେ ରାତି ତମାମ ଜାଗ୍ରତ ପ୍ରହରୀ ଭାବେ ସତର୍କ ଦୃଷ୍ଟି ଦେଉଛନ୍ତି। ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବର ମାସରେ ପାଚିଲା ଧାନ ଖାଇବାକୁ ଆସି ନୀଳଗିରି ମୁହାଁ ହୋଇ ପୁନର୍ବାର ଜାନୁୟାରୀ ଓ ଫେବୃୟାରୀ ମାସରେ ବାହୁଡିଥାନ୍ତି । ତେବେ ବିଶାଳ ହାତୀପଲଙ୍କ ଦାଉରୁ ଧନଜୀବନକୁ ସୁରକ୍ଷିତ ରଖିବା ପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅଗ୍ନିବିପନ୍ନଙ୍କୁ ଭେଟିଲେ ଭାଜପା ଯୁବନେତା

ଖଇରା,୨୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡ଼ିଆ ପଞ୍ଚାୟତ ନୂଆସାହି ଗ୍ରାମର ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇ ପଡ଼ିଥିବା ଭାଗବତ ସାମଲଙ୍କ ପରିବାରକୁ ଭାଜପା ଯୁବ ନେତା ନିଳମାଧବ ପଣ୍ଡା ଭେଟି ସହାୟତାର ହାତ ବଢାଇଛନ୍ତି। ଏଥିସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ପଣ୍ଡାଙ୍କ ସହ ବ୍ଲକ ଯୁବ ସଭାପତି ଅଜୁ ଖିଲାର, ସରପଞ୍ଚ ବିଚିତ୍ର ପାତ୍ର, ସମିତିସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା ବିପନ୍ନଙ୍କୁ ଭେଟିଛନ୍ତି।

## ସଂକ୍ଷେପରେ

### ୩ କେନ୍ଦ୍ରରେ ୫୬୯ ପରୀକ୍ଷାର୍ଥୀ

#### ଆଜିଠୁ ଯୁକ୍ତ ୨ ପରୀକ୍ଷା

କୁଆମରା, ୨୭।୪ (ଡି.ଏନ.ଏ.)-ଯୁକ୍ତ ୨ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। କଳା ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଆସନ୍ତା ମେ’ ୯ରୁ ବିଜ୍ଞାନ ପରୀକ୍ଷା ହେବ। ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକର ୩ଟି କେନ୍ଦ୍ରରେ ରେଗୁଲାର ଓ ଏକ୍ସରେଗୁଲାର ମୋଟ ୫୬୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିମଧ୍ୟରୁ ସାଇଁକୁଳା ପଞ୍ଚପଲୀ ମହାବିଦ୍ୟାଳୟରେ କଳାରେ ୧୨୬, ପୁରୁଣା ବାରିପଦା ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟରେ କଳାରେ ୧୬୮, ବିଜ୍ଞାନରେ ୨୯, ଭକେଶନାଲରେ ୪୦, କୁଆମରା ସାରସ୍ୱତ କନିଷ୍ଠ ମହାବିଦ୍ୟାଳୟରେ କଳାରେ ୧୬୭ ଓ ବିଜ୍ଞାନରେ ୩୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି।

### ଜଳେଶ୍ୱରରେ କାଳବୈଶାଖୀ

#### ବଜ୍ରପାତରେ ଜଣେ ମୃତ, ୨ ଆହତ

ଜଳେଶ୍ୱର,୨୭।୪(ଡି.ଏନ.ଏ.)- ଗତ ୩ ଦିନ ଧରି ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରେ ତାପମାତ୍ର ୪୧ଡିଗ୍ରୀରୁ ଅଧିକ ରହିଥିବା ବେଳେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ବୁଧବାର ଅପରାହ୍ନରେ ହଠାତ୍ ପବନ ଓ ଘଡଘଡି ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଅଧିକ ଅମଳକ୍ଷମ ରବିଚାଷ ଅମଳ ଆରମ୍ଭ ହୋଇଥିବା ବେଳେ ଶ୍ରମିକମାନେ ବିଲରେ କାର୍ଯ୍ୟରେ ବ୍ୟସ୍ତ ଥିଲେ। ବରଡିହା ଗାଁର ରବି ସିଂ , ତାଙ୍କ ସ୍ତ୍ରୀ ଅଞ୍ଜଳି ଓ ପୁଅ ଗୋବିନ୍ଦ ଧାନ ଅମଳ କରୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଅଞ୍ଜଳିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ରବି ଓ ତାଙ୍କ ପୁଅ ଆହତ ହୋଇଥିଲେ। ସାମାଜିକକର୍ମୀ ରାଜୀବଲୋଚନ ଗିରି ସମସ୍ତଙ୍କୁ ଉଦ୍ଧାର କରି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### ମେଡିକାଲ କଲେଜରେ ଆଣ୍ଟି ର୍ୟାଗିଂ ସ୍କ୍ୱାଡ୍ କାର୍ଯ୍ୟ ଆରମ୍ଭ

ବାରିପଦା ଅଫିସ,୨୭।୪-ବାରିପଦା ରଙ୍ଗାମାଟିଆ ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ବ୍ୟାଚ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ର୍ୟାଗିଂରୁ ସୁରକ୍ଷା ଦେବା ପାଇଁ ଏକ ଆଣ୍ଟିର୍ୟାଗିଂ ସ୍କ୍ୱାଡ ଗଠନ କରାଯାଇଛି । ଡିନ୍ ତଥା ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟରୁ ଚିଠି ନମ୍ବର ୧୩୫୭ ମାଧମରେ ଆଗାମୀ ୧୦ଦିନ ପାଇଁ ସ୍କ୍ୱାର୍ଡର ସଦସ୍ୟମାନଙ୍କ ତାଲିକା ପ୍ରକାଶ ପାଇଛି। ୨୮ତାରିଖ ପାଇଁ ଡା. କଲ୍ୟାଣୀ ପ୍ରଭା ଗୌଡା ଓ ଡା. ସରୋଜ ଦାଶଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବେଳେ ୨୯ତାରିଖ ଦିନ ଡା. ରିତୁଶ୍ରୀ ସାମନ୍ତରାୟ ଓ ଡା. ସୋମନାଥ ସେଠୀ ସ୍କ୍ୱାର୍ଡର ଦାୟିତ୍ୱ ତୁଲାଇବେ । ୩୦ତାରିଖ ଦିନ ଡା. ମମତାରାଣୀ ଗିରୀ ଓ ଡା. ଆରକେ ମହାନ୍ତ ଆଦି ଦାୟିତ୍ୱରେ ରହିବେ। ଉପରୋକ୍ତ ଦଳ ପୁରୁଷ ଓ ମହିଳା ଛାତ୍ରାବାସ ଏବଂ ୩ ଆର୍ କର୍ମଚାରୀ ଗୃହ ପରିଦର୍ଶନ କରି ର୍ୟାଗିଂ ରୋକିବା ସହ ଡିନ୍‌ଙ୍କୁ ରିପୋର୍ଟ ପ୍ରଦାନ କରିବେ । ନିକଟରେ ଜଣେ ଡାକ୍ତରୀ ଛାତ୍ର ର୍ୟାଗିଂ ଯୋଗୁ ଆତ୍ମହତ୍ୟା କରିଥିବାରୁ ର୍ୟାଗିଂ ରୋକିବା ପାଇଁ ଉକ୍ତ ସ୍କ୍ୱାର୍ଡ ଗଠନ କରାଯାଇଥିବା ଜଣାପଡିଛି।

# ହାଇଟେକ୍ ନର୍ସରିରେ ପ୍ରସ୍ତୁତ ହେଉଛି ଚାରା




କେନ୍ଦୁଝର,୨୭।୪ (ସ୍ୱ.ପ୍ର.)

ଗତ କିଛି ବର୍ଷ ହେଲା କେନ୍ଦୁଝର ଜିଲାରେ ରାସ୍ତାଘାଟ ନିର୍ମାଣ ଓ ସଂପ୍ରସାରଣ ତଥା ଖଣିଖାଦାନ, କ୍ୱାରୀ ଆଦି ଯୋଗୁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଥିବାରୁ ଏହାର ପରିଣତି ଆଜି ଜିଲାବାସୀ ପ୍ରବଳ ଗରମ ଭୋଗୁଛନ୍ତି। ଏଣୁ ଏବେ ବନ ବିଭାଗକୁ ଘାରିଛି କ୍ଷତିଗ୍ରସ୍ତ ହୋଇଥିବା ପରିବେଶର ଭରଣା ପାଇଁ ବନୀକରଣ ଓ ସୁରକ୍ଷା ଚିନ୍ତା। ଏଭଳି କାର୍ଯ୍ୟକୁ ସମ୍ପାଦିତ କରିବା ପାଇଁ ବହୁ ପରିମାଣରେ ବିଭିନ୍ନ ପ୍ରକାରର ଚାରା ପ୍ରସ୍ତୁତି ଦରକାର।

ସଦର ରେଞ୍ଜ ଅନ୍ତର୍ଗତ ବେଲଦା ହାଇଟେକ ନର୍ସରିରେ ବିଭିନ୍ନ କିସମର ଚାରା ଅତ୍ୟାଧୁନିକ ପ୍ରଣାଳୀରେ ପ୍ରସ୍ତୁତ କରି ବନୀକରଣ ଓ ବଣ୍ଟନ କରାଯାଉଛି। ପ୍ରାୟ ଦୁଇ ହେକ୍ଟର ପରିମିତ ଅଞ୍ଚଳରେ ପ୍ରତିଷ୍ଠିତ ଏହି ନର୍ସରିରେ ମୁଖ୍ୟ ଆକର୍ଷଣ ରହିଛି ବର ଗଛ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଗଛର ଚାରା ପ୍ରସ୍ତୁତି। ବିଶେଷ କରି ୧୮ ମାସ ପର୍ଯ୍ୟନ୍ତ ଚାରାର ରକ୍ଷଣାବେକ୍ଷଣ କରାଯାଇ ବ୍ୟବହାର କରାଯାଉଛି । ଯାହାଫଳରେ ସଫଳ ବନୀକରଣ ହେଉଛି। ବର ଗଛ ଚାରା ଜାତୀୟ ରାଜପଥ, ରାଜ୍ୟରାଜପଥ ବ୍ୟତୀତ ଅନ୍ୟ ରାସ୍ତାର ପଥ ପାର୍ଶ୍ୱ ବନୀକରଣ କରାଯିବା ପାଇଁ ସୃଷ୍ଟି କରାଯାଇଛି। ଏହାବ୍ୟତୀତ ଅଧିକ ଛାଇ ତଥା ଫଳ ପ୍ରଦାନକାରୀ ବୃକ୍ଷର ଚାରାକୁ ପ୍ରାଧାନ୍ୟ ଦିଆଯାଉଛି । ସେସବୁ ହେଲା ଅଶ୍ୱତ୍ଥ, ମେହଗାନି, ଆମ୍ବ, ପଣସ, ଜାମୁ, ନିମ୍ବ, କରଞ୍ଜ ଚାରା ଅଧିକ ପରିମାଣରେ ସୃଷ୍ଟି କରାଯାଇଛି। ସେହିପରି ଶାଳ, ପିଆଶାଳ, ହରିଡା, ବାହାଡା, ଅଁଳା, ଆମ୍ବ, ପଣସ, ଜାମୁ, ଜେଉଠ, ପୁତ୍ରଞ୍ଜିବା, ନାଗଚମ୍ପା, କୁସୁମ, ଭାଲିଆ, ମହୁଲ, ମାଙ୍କଡା କେନ୍ଦୁ ଆଦି ଫଳ, ଔଷଧ ଓ ଉପକାରୀ ଚାରା ସୃଷ୍ଟି କରାଯାଉଛି। ଠିକ୍ ଭାବରେ ବିହନକୁ ବିଶୋଧନ କରି ଚାରା ପ୍ରସ୍ତୁତ କରାଯାଉଛି ବୋଲି ତଦାରଖ କରୁଥିବା ବନରକ୍ଷୀ ମିତ୍ରଭାନୁ ନାୟକ କହିଛନ୍ତି। ଏଥିପାଇଁ ୧୬୦ରୁ ଉର୍ଦ୍ଧ୍ୱ ବେଡ ପ୍ରସ୍ତୁତ କରାଯାଇ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ନିୟୋଜିତ କରି ଏହି ନର୍ସରୀରେ କାମ ଚାଲିଥିବା କହିଛନ୍ତି। ଓଏମ୍‌ବିଏଡିସି ଅନୁଦାନରେ ୨୦୨୦-୨୧ ଆର୍ଥିକ ବର୍ଷରେ ୧ ଲକ୍ଷ ୫୦ ହଜାର ଚାରା ସୃଷ୍ଟି କରାଯାଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ୧ ଲକ୍ଷ ଚାରା ସୃଷ୍ଟି କରାଯାଇଛି। ଏହି ନର୍ସରି ଜୈବିକ ସାର ବ୍ୟବହାର କରାଯାଇ ଚାରା ପ୍ରସ୍ତୁତ ହେଉଛି। ପ୍ରଥମ ଥର ପାଇଁ ଡିଏଫଓ ଧନରାଜ ଏଚ୍‌ଡିଙ୍କ ପରାମର୍ଶ କ୍ରମେ ବଡ ପଲିଥିନରେ ଚାରା ସୃଷ୍ଟି କରାଯାଇଛି। ଯାହାକି ବଡ଼ ବଡ଼ ଚାରା ସୃଷ୍ଟି କରାଯାଇ ପାରୁଛି। ଏହି ହାଇଟେକ ନର୍ସରୀରୁ ଚାରା ନେଇ ସଦର ରେଞ୍ଜ ଅନ୍ତର୍ଗତ କେନ୍ଦୁଆ ଠାରେ ୩୨ ହଜାର ବନୀକରଣ କରାଯାଇ ନୂତନ ଜଙ୍ଗଲ ଜଙ୍ଗଲ କରାଯାଇଛି। ଏତଦବ୍ୟତୀତ ହାଡିଭଙ୍ଗା, କେରୀ, ବଳଭଦ୍ରପୁର, ନରଣପୁର ଆଦି ଅଞ୍ଚଳରେ ବନୀକରଣ ହୋଇଛି। ଚଳିତ ବର୍ଷ ମଞ୍ଜି ସଂଗ୍ରହ କରି ଉପଯୁକ୍ତ ବିଶୋଧନ କରି ଚାରା ସୃଷ୍ଟି କରିବା ପାଇଁ ପ୍ରସ୍ତୁତି ଚାଲିଛି।

**ଦେଢ ବର୍ଷ ପରେ ଚାରାରୋପଣ**

# ସମସ୍ୟା ସମାଧାନ ନ ହେଲେ ଅନଶନ

## ଝାଟିଆ ବିଦ୍ୟୁତ୍ ଷ୍ଟ୍ରକଚର ଅଧୀନରେ ଉପଭୋକ୍ତା ହନ୍ତସନ୍ତ

ଖଇରା,୨୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବିଦ୍ୟୁତ୍ ଉପଖଣ୍ଡ ଝାଟିଆ ଷ୍ଟ୍ରକଚର ଅଧୀନ ୩ପଞ୍ଚାୟତର ଉପଭୋକ୍ତା କ୍ରମାଗତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅଧିକାରୀମାନଙ୍କୁ ଜଣାଇଲେ ମଧ୍ୟ କିଛି ଫଳ ମିଳୁନି। ଆଗକୁ ମାଟ୍ରିକ ପରୀକ୍ଷା ଥିବାବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଠିକ୍ ଭାବେ ହୋଇପାରୁନି। ପ୍ରତିବାଦରେ ୩ ପଞ୍ଚାୟତ ଶ୍ୟାମସୁନ୍ଦରପୁର, କୁରୁଣ୍ଟା ଓ ଅଚ୍ୟୁତିପୁର ଶତାଧିକ ଉପଭୋକ୍ତା ଷ୍ଟ୍ରକଚର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୮ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଧାରଣାରେ ବସିବେ ବୋଲି ବିଭୂତି ପତି, ସୁବଳ ଗିରି, ସାବିତ୍ରୀ ରାଉଳ, ବିଶ୍ୱଭୂଷଣ ପ୍ରଧାନ, ଶ୍ରୀଧର ପତି, ମିତାଲି ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ଟାଟା ପାୱାର ଦାୟିତ୍ୱ ନେବା ଦିନଠାରୁ ଦୈନିକ ୮ରୁ ୧୦ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ନିୟମିତ ବିଲ୍ ନେବାକୁ ନ ଆସି ୩ରୁ ୪ମାସ ଧରି ବକେୟା ରହିବା ପରେ ଜରିମାନା ସହ ଆଦାୟ କରାଯାଉଛି। ନୂତନ ସଂଯୋଗ ପାଇଁ ଅନ୍‌ଲାଇନରେ ଆବେଦନର ମାସକ ପରେ ମଧ୍ୟ ଏହା ଦିଆଯାଉନାହିଁ। ଏଣୁ ଉପଭୋକ୍ତାଙ୍କୁ ଏହା ଏକ ପ୍ରକାର ମାନସିକ ନିର୍ଯାତନା ବୋଲି ଉପଭୋକ୍ତାମାନେ କହିଛନ୍ତି।

# ବାଲି ଟ୍ରକ୍‌କୁ ଜରିମାନା

ପାଟଣା,୨୭।୪(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ତହସିଲଦାରଙ୍କ ନେତୃତ୍ୱରେ ବୁଧବାର ତୁରୁମୁଙ୍ଗା ଓ ରାଜନଗର ଆର୍‌ଆଇ ସର୍କଲ ଅଞ୍ଚଳରେ ଚଢ଼ାଉ କରି ବେଆଇନ ବାଲି ଚାଲାଣ କରୁଥିବା ୩ଟି ଟ୍ରାକ୍ଟରକୁ ଜବତ କରାଯାଇଛି।ଏଥିରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଚଢାଉରେ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ସୁପରଭାଇଜର ବନମାଳୀ ନାଏକ, ମୃଷାଖରୀ ଆର୍‌ଆଇ ସାର୍ଥକ ସାରଥୀ ବାରିକ ସାମିଲ ରହି ଜରିମାନା ଆଦାୟ କରିଛନ୍ତି।

# ୮୮୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଭଦ୍ରକ ଅଫିସ, ୨୭।୪

ଭଦ୍ରକ ଜିଲା ଆଗରପଡ଼ାସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ବୁଧବାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞ ରୋଗୀମାନଙ୍କ ରୋଗ ନିରୂପଣ ସହ ଔଷଧ ପ୍ରଦାନ କରିଥିଲେ। ୮୮୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସା କରାଯାଇଥିଲା।

ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇଙ୍କ ସଭାପତିତ୍ୱ ଓ ଆୟୁଷ ଡା. ଦୁର୍ଗା ଚରଣ ମିଶ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ସଭ୍ୟା ରୁନୀତା ଦାସ, ବ୍ଲକ ଉପାଧକ୍ଷା ପ୍ରଗତିବାଳା ସ୍ୱାଇଁ, ବିଳାସିନୀ ବେହେରା, ବିଡିଓ ଶୁଭଦର୍ଶନ ମିଶ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟମେଳାକୁ ଆସିଥିବା ରୋଗୀମାନେ ଖରାରେ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟକର୍ମୀ ଇନ୍ଦୁମତିସାହୁ, ଅଙ୍ଗନୱାଡିକର୍ମୀ ମନୋରମା ଦଳେଇ, ଆଶାକର୍ମୀ ନିରୁପମା ବେଜଙ୍କୁ ପୁରସ୍କୃତ କରାଯାଇଥିଲା। ବିପିଏମ୍ ଶୁଭେନ୍ଦୁ ଭୂଷଣ ପୁହାଣ, ମହେଶ୍ୱର ଦାସ, ସୁରେଶ ଚନ୍ଦ୍ର ପ୍ରଧାନ, ସତ୍ୟରଞ୍ଜନ ବେଉରିଆ, ସୋମନାଥ ରାଉତ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଦ୍ୱାରା ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରାଯାଉଛି।

# ବଦଳିଲେ ରାଇବଣିଆ ଥାନା ଆଇଆଇସି

ଜଳେଶ୍ୱର,୨୭।୪(ଡି.ଏନ.ଏ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଥାନା ଆଇଆଇସି ପ୍ରଫୁଲ୍ଲ ମଲ୍ଲିକଙ୍କ ବଦଳି ହୋଇଛି। ଏଠାରେ ନିଯୁକ୍ତି ପାଇବା ପରଠାରୁ ସେ ବିବାଦ ଭିତରକୁ ଠେଲି ହୋଇଯାଇଥିଲେ । ଆଦିବାସୀ ଅଧ୍ୟୁଷିତ ତଥା ଅପରାଧ ପ୍ରବଣ ରାଇବଣିଆ ଅଞ୍ଚଳରେ ବିଭିନ୍ନ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ସେ ବିବାଦ ମଧ୍ୟକୁ ଠେଲି ହୋଇ ଯାଇଥିଲେ। ପ୍ରକାଶଯୋଗ୍ୟ, ରାଇବଣିଆ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବାଲି, ଚୋରା ମାଟି, ମୋରମ୍, କାଠ ଇତ୍ୟାଦି ପଶ୍ଚିମବଙ୍ଗକୁ ଚାଲାଣ ହୋଇ ଆସୁଥିବା ବେଳେ ଆଇଆଇସି ମଲ୍ଲିକ କେତେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏପରିକି ଥାନା ନିକଟରେ ଏକ ସାଧାରଣ କାର୍ଯ୍ୟକ୍ରମରେ ମାଇକ୍ ବଜାଇବାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଉପୁଜିଥିବା ବିବାଦରେ ଛନ୍ଦି ହୋଇ ପଡ଼ିଥିଲେ। ଅନ୍ୟପକ୍ଷରେ ଥାନା ମଧ୍ୟରେ ମୋବାଇଲ ବ୍ୟବହାରକୁ ଅନୁମତି ନ ଦେବାରୁ ଲୋକେ କ୍ଷୁବ୍ଧ ହୋଇ ପଡ଼ିଥିଲେ।

# ବିଜେଡିରେ ମିଶିଲେ ୩ ସ୍ୱାଧୀନ କାଉନସିଲର


ଜିଲା ସଭାପତି ଓ ନେତୃବର୍ଗଙ୍କ ସହ ଦଳରେ ଯୋଗ ଦେଇଥିବା ସ୍ୱାଧୀନ କାଉନସିଲର।

**ଘର ବାହୁଡ଼ାକୁ ନେଇ ନେତା ଓ କର୍ମୀ ଖୁସ୍**

ବାଲେଶ୍ୱର ଅଫିସ,୨୭।୪

ବାଲେଶ୍ୱର ପୌର ପରିଷଦ ନିର୍ବାଚନରେ ବିଜେଡିର ୧୭ ଜଣ କାଉନସିଲର ବିଜୟୀ ହୋଇଥିବା ବେଳେ ୩୧ନଂ. ୱାର୍ଡର ରଞ୍ଜିତା ମହାପାତ୍ର ନିର୍ଦ୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ମାତ୍ର କେତେକ ସ୍ଥାନରେ ବିଜେଡିରୁ ଟିକଟ୍ ପାଇବା ଆଶାୟୀ ପ୍ରାର୍ଥୀମାନେ ସ୍ୱାଧିନ ଭାବରେ ପ୍ରତିଦ୍ୱନ୍ଦିତା କରିଥିଲେ। ସେଥି ମଧ୍ୟରୁ ୩ଜଣ ପ୍ରାର୍ଥି ବିଜୟୀ ହୋଇଥିଲେ। ସେମାନେ ବୁଧବାର ଜିଲା ବିଜେଡି ଅଫିସ୍‌ରେ ଆୟେଜେିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁଣି ଦଳରେ ଯୋଗ ଦେଇଛନ୍ତି। ସେମାନେ ହେଲେ ସଞ୍ଜୀବ କୁମାର ଦାସ (୯ନଂ. ୱାର୍ଡ ) ,ଶେଖ ନୌସାଦ ଅଲ୍ଲୀ (୧୧ନଂ.ୱାର୍ଡ) ଓ ଅନିନ୍ଦ୍ୟ କୁମାର ପଣ୍ଡା(୧୨ନଂ. ୱାର୍ଡ)। ଏହି ୩ କାଉନସିଲର ବିଜେଡିରେ ଯୋଗଦେବା ପରେ ପୌର ପରିଷଦର ମୋଟ ୩୧ଜଣ କାଉନସିଲରଙ୍କ ମଧ୍ୟରୁ ବିଜେଡି ଦଳର ସଦସ୍ୟ ସଂଖ୍ୟା ୨୧ରେ ପହଞ୍ଚିଛି। ସେମାନଙ୍କ ଘର ବାହୁଡାକୁ ନେଇ ନେତା ଓ କର୍ମୀ ଖୁସି ପ୍ରକଟ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ବିଜେଡି ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ୩ କାଉନସିଲରଙ୍କୁ ଦଳକୁ ସ୍ୱାଗତ କରିଥିଲେ। ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାଉନସିଲରମାନଙ୍କୁ ସ୍ୱାଗତ କରିବା ସହ ପୌରାଞ୍ଚଳର ବିକାଶ ପ୍ରକ୍ରିୟାକୁ ଆଗକୁ ନେବାକୁ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ବ୍ରିଟ ଅଧକ୍ଷ ଗୌରୀ ରାଉତ, ବିଜେଡି ଅନୁସୂଚିତ ଜାତି ସେଲ ଜିଲା ସଭାପତି ଶତ୍ରୁଘ୍ନ ମଲ୍ଲିକ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସୀମନ ଦାସମହାପାତ୍ର, ବିଜେଡି ଟାଉନ ସଭାପତି ସନତ ଦାସ, ଯୁବନେତା ଭାଗବତ ସାହୁ, ଅସୀତ ଦାସ, ଇନ୍ତେଖାବ ଅଲ୍ଲୀ ଖାନ ପ୍ରମୁଖଙ୍କ ସମେତ ବହୁ କର୍ମୀ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇ ଦଳରେ ଯୋଗଦେଇଲ ୩ କାଉନସିଲରଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ବିଦ୍ୟୁତ୍ ବିଲ୍ ଆଦାୟ ବାହାନାରେ ଲୁଟ୍

**ବନ୍ଧୁକ ଦେଖାଇ ନେଇଗଲେ ସୁନାଚେନ୍**

ଖୁଣ୍ଟା/କୁଆମରା, ୨୭।୪(ଡି.ଏନ.ଏ.)

ବିଦ୍ୟୁତ୍ ବିଭାଗର କର୍ମଚାରୀ ପରିଚୟ ଦେଇ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତ ସୁନାଚେନ୍ ଲୁଟ୍ କରିଛନ୍ତି। ବୁଧବାର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ପୁରୁଣା ବାରିପଦା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ପୁରୁଣା ବାରିପଦା ପେଟ୍ରୋଲ ପମ୍ପ ନିକଟସ୍ଥ ଅବସରପ୍ରାପ୍ତ ଫାର୍ମାସିଷ୍ଟ ପ୍ରଭାସ ଚନ୍ଦ୍ର ହୋତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ ମଧ୍ୟାହ୍ନରେ ଘରେ ଏକା ଥିଲେ। ଜଣେ ବ୍ୟକ୍ତି ନିଜକୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇଥିଲେ ଏବଂ ବିଲ୍ ନେବା ପାଇଁ ଆସିଥିବା ପ୍ରତିଭାଙ୍କୁ କହିଥିଲେ। ଘରେ ତାଙ୍କ ସ୍ୱାମୀ ନ ଥିବା ପ୍ରତିଭା କହିବା ସହ ଫୋନ କରୁଥିଲେ। ଏହି ସମୟରେ ଉକ୍ତ ବ୍ୟକ୍ତି ତାଙ୍କଠାରୁ ଫୋନଟିକୁ ଛଡ଼ାଇବା ସହ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ସେ ପିନ୍ଧିଥିବା ସୁନାଚେନ୍‌ଟିକୁ ବେକରୁ ଝାମ୍ପି ନେଇ ଏକ ବାଇକ୍‌ରେ ସେଠାରୁ ଚମ୍ପଟ ମାରିଥିଲେ।

ଖବର ପାଇ କୁଆମରା ପାଣ୍ଡି ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଜାରି ରଖିଥିଲେ ହେଁ ଖବର ଲେଖା ହେବା ସୁଦ୍ଧା ଲୁଟେରାଙ୍କ ସୁରାକ୍ ପାଇପାରି ନାହିଁ। ପ୍ରକାଶ ଥାଉକି, ସମାନ ଢଙ୍ଗରେ ଗତ ୬ ମାସ ଭିତରେ ଏପରି ୫ଟି ସ୍ଥାନରେ ବନ୍ଧୁକ ଦେଖାଇ ଲୁଟ୍ ଘଟଣା ଘଟିଥିଲେ ମଧ୍ୟ ପୋଲିସ ହାତ ଖାଲି ପଡ଼ିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ୭୪ ପରୀକ୍ଷା କେନ୍ଦ୍ରରେ ୧୯,୨୭୫ ପରୀକ୍ଷାର୍ଥୀ

ବାରିପଦା ଅଫିସ,୨୭।୪

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତ୍ତରାଞ୍ଚଳ ଜୋନରେ ଗୁରୁବାର ଠାରୁ ଆରମ୍ଭ ହେଉଛି ଯୁକ୍ତ ଦୁଇ ପରୀକ୍ଷା। ଚଳିତ ବର୍ଷ ଜିଲାରେ ୭୨ଟି ପରୀକ୍ଷାକେନ୍ଦ୍ର ହୋଇଛି। ୯୬ଟି କଲେଜର ମୋଟ ୧୯,୨୭୫ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନେଇ ପ୍ରସ୍ତୁତି ଶେଷ ହୋଇଛି। ସେଥିମଧ୍ୟରୁ କଳାରେ ସର୍ବାଧିକ ୧୨,୯୬୬ଜଣ ପରୀକ୍ଷାର୍ଥୀ ଥିବା ବେଳେ ବାଣିଜ୍ୟରେ ୧୦୧୫, ବିଜ୍ଞାନରେ ୪୫୯୮ ଓ ଧନ୍ଦାମୂଳକ ଶିକ୍ଷାରେ ୬୯୬ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଗୁରୁବାର ଠାରୁ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୯ତାରିଖରୁ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇ ମେ’ ୩୧ରେ ଶେଷ ହେବ। ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ୯ଟି ହବ୍ ସେଣ୍ଟର କରାଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ଥିବା ବେଳେ ପରୀକ୍ଷା ପୂର୍ବରୁ ସମସ୍ତ କେନ୍ଦ୍ରରେ ପହଞ୍ଚାଇବା ପାଇଁ ପ୍ରସ୍ତୁତି ସରିଛି। ସେହିପରି ସେଣ୍ଟ୍ରାଲ ଫ୍ଲାୟିଂ ସ୍କ୍ୱାଡ, କଲେକ୍ଟରିୟେଟ ଫ୍ଲାୟିଂ ସ୍କ୍ୱାଡ ଓ ସାଧାରଣ ଫ୍ଲାୟିଂ ସ୍କ୍ୱାଡ ଭାବେ ୩ଟି ସ୍କ୍ୱାଡ ପରୀକ୍ଷାରେ କପି ରୋକିବା ପାଇଁ ପରିଦର୍ଶନ କରିବେ ବୋଲି ବାରିପଦାସ୍ଥିତ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଉତ୍ତରାଞ୍ଚଳ ଜୋନର ଉପସଚିବ ଜୟଦେବ ପରମାଣିକ ପ୍ରକାଶ କରିଛନ୍ତି ।

# ପୋଖରୀରେ ବୁଡ଼ି ଛାତ୍ର ମୃତ

ସୋରୋ,୨୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋରୋ ଥାନା ଅନ୍ତର୍ଗତ ଟେଣ୍ଟେଇ ପଞ୍ଚାୟତର ଚକପଦା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରତିକାନ୍ତ ପାତ୍ରଙ୍କ ୧୪ ବର୍ଷୀୟ ପୁଅ ସୁଧାଂଶୁ। ସେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ୍ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋରୋ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ସ୍ଥାନୀୟ ହାଇସ୍କୁଲରେ ନବମ ଶ୍ରେଣୀର ଛାତ୍ର ଥିଲେ।

# ଆର୍‌ଡେଣ୍ଟ ଷ୍ଟିଲ୍‌କୁ ଓଡ଼ିଶା ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ଆୱାର୍ଡ




କେନ୍ଦୁଝର, ୨୭।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଫୁଲଝର ସ୍ଥିତ ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲି଼ଃ କୁ ସମ୍ମାନ ଜନକ ଓଡିଶା ବେଷ୍ଟ ଏମ୍ପ୍ଲୋୟର ବ୍ରାଣ୍ଡ ଆୱାର୍ଡ ୨୦୨୨ ମିଳିଛି। ୱାର୍ଲ୍ଡ ଲିଡରଶିପ ଆୱାର୍ଡ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସଂସ୍ଥାର ସ୍ୱାଧୀନ ନିର୍ଦ୍ଦେଶକ ଡକ୍ଟର ଆର.ଏଲ ଭାଟିଆ, ସିଏଚ୍‌ଆର୍‌ଓ ଏସିଆ ପ୍ରୋଜେକ୍ଟ ହେଡ ଆସିଫ ସୟେଦ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲି଼ଃର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହା ଦେଶର ଅଗ୍ରଣୀ ପିଲେଟ କାରଖାନା ଅଟେ। ୨୦୧୦ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି କମ୍ପାନୀ ବାର୍ଷିକ ୦.୮୫ ମେଟ୍ରିକ ଟନ ପିଲେଟ ବାର୍ଷିକ ଉତ୍ପାଦନ ହୋଇଥାଏ। ଗ୍ରେଟ କ୍ଲିନ ଟେକନୋଲୋଜିରେ ନିର୍ମିତ ଏହି କାରଖାନା ରାଜ୍ୟରେ ପ୍ରଥମ ଅଟେ। ପୁରସ୍କାର ବିତରଣୀ ଉତ୍ସବରେ ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲି଼ଃ ଡିଜିଏମ୍ (ସେଲ୍ସ ଆଣ୍ଡ ମାର୍କେଟିଂ) ଦିଲ୍ଲୀପ କୁମାର ପାଣି, ପ୍ଲାଣ୍ଟ ହେଡ ସନ୍ତୋଷ ଲେଙ୍କା, ଫାଇନାନ୍ସ ହେଡ ବିଭୁପ୍ରସାଦ ଜେନା, ଏଚ୍‌ଆର୍ ହେଡ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀକୁ ଏହି ସମ୍ମାନ ଜନକ ପୁରସ୍କାର ମିଳିଥିବାରୁ ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସ ସମସ୍ତ କର୍ମଚାରୀ, ଷ୍ଟେକ ହୋଲଡର, ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ବେଆଇନ ମାଟିଖୋଳା ବନ୍ଦ ଦାବି

ଆରଡ଼ି, ୨୭।୪ (ଡି.ଏନ.ଏ.)


ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଜମିରୁ ମାଟି ଖୋଳାଯାଇଛି।

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ଓଳଗ, ସୁନ୍ଦରପୁର, ଆରଡ଼ି, ନାନ୍ଦପୁର ଏବଂ ଧାମନଗର ତହସିଲ ଅନ୍ତର୍ଗତ ପାଳସାହି ଓ ରଇପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅବାଧରେ ମାଟି ଖୋଳା ଚାଲିଛି। ପୋଖରୀ ଖୋଳା ଆଳରେ ନିଜ ଜମି ଓ ସରକାରୀ ଜମିକୁ ନାରଖାର କରୁଛନ୍ତି କେତେକ ବ୍ୟକ୍ତିବିଶେଷ। ସ୍କୁଲ କିମ୍ବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସରରେ ମାଟି ପଡ଼ିବା ନେଇ କେତେଜଣ ବ୍ୟକ୍ତି ନିଜ ଜମିରୁ ମାଟି ଦେବା ଲାଗି ତହସିଲଦାରଙ୍କ କାର୍ଯ୍ୟାଳୟରୁ ଅନୁମତି ପତ୍ର ଆଣୁଥିବା କୁହାଯାଉଛି। କେବଳ ସେତିକି ନୁହେଁ ପୂର୍ବରୁ ସରକାରୀ ଜମି ଜବରଦଖଲ ଆଳରେ ନିଜ ଅକ୍ତିଆରକୁ ଆଣିଥିବା ଜମିରୁ ମାଟି ବିକ୍ରି ଚାଲୁ ରହିଛି। ସାତଭାୟାରୁ କୁଆଖିଆ ଏନ୍‌ଏଚ୍-୨୦ର ୧ ମିଟର ଦୂରରେ ଥିବା ଜମିରୁ ମାଟି ଖୋଳା ଯାଉଛି। ଏପରିକି ବୈତରଣୀ ନଦୀବନ୍ଧ ପାର୍ଶ୍ୱରୁ ପ୍ରତିଦିନ ମାଟି ଖୋଳା ଚାଲିଥିବା ଦେଖିବାକୁ ମିଳିଛି।

ନିୟମାନୁସାରେ କୌଣସି ବ୍ୟକ୍ତି ନିଜର ଜମି ହେଉ କି ସରକାରୀ ଜମି ତହସିଲଦାରଙ୍କ ବିନା ଅନୁମତିରେ ମାଟି ଖୋଳି ପାରିବେ ନାହିଁ। ବେଆଇନ ମାଟି ଖୋଳା ପ୍ରତି ଧ୍ୟାନ ଦେବା ତଥା ସରକାରୀ ଜମିର ସୁରକ୍ଷା ଲାଗି ଆରଡ଼ି, ବେତାଳିଗାଁଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ହେଲେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେଆଇନ ମାଟି ଖୋଳା ବନ୍ଦ କରିବା ଲାଗି ବିଭିନ୍ନ ମହଲରୁ ଦରଖାସ୍ତ କରାଯାଉଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଉଲ୍ଲେଖ ଯେ, ସାଠିବାଙ୍କୁଡାଠାରେ ସରକାରୀ ଜମି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଚାନ୍ଦବାଲି ତହସିଲଦାର ଦିନ ଗଡ଼ାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବେଆଇନ ମାଟିଖୋଳା ବନ୍ଦ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଛି। ଏ ସମ୍ପର୍କରେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର କହିଛନ୍ତି, ବେଆଇନ ମାଟି ଉଠାଣ ବିଷୟରେ ସେ ଜାଣିନାହାନ୍ତି। ଏହାର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

